## ସଂକ୍ଷେପରେ

### ଇତିହାସ ରଚିଲା ପରଜଙ୍ଗ କଲେଜ ୫୪୩ ମାର୍କ ସହ ଅନୁପମ ଟପ୍ପର

ପରଜଙ୍ଗ, ୨୮।୭ (ଡି.ଏନ୍.ଏ.): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାରେ ଇତିହାସ ରଚିଛି ପରଜଙ୍ଗ କଲେଜ। ଉଭୟ ବିଭାଗରେ ଶିକ୍ଷାନୁଷ୍ଠାନର ଶତ ପ୍ରତିଶତ ରେଜଲ୍ଟ ହୋଇଛି, ଯାହା


ଅନୁପମ

ସର୍ବକାଳୀନ ରେକର୍ଡ। ସବୁଠାରୁ ବଡ଼କଥା ବିଜ୍ଞାନରେ ପରୀକ୍ଷା ଦେଇଥିବା ୧୨୬ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୨୫ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଅନ୍ୟ ଜଣେ ଦ୍ୱିତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ସେହିପରି ବାଣିଜ୍ୟରେ ମୋଟ୍ ୯ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୭ ଜଣ ଫାଷ୍ଟ କ୍ଲାସ୍ ଓ ୨ ଜଣ ସେକେଣ୍ଡ କ୍ଲାସ ପାଇଛନ୍ତି। ବିଜ୍ଞାନରେ ଅନୁପମ ବେହେରା ସର୍ବାଧିକ ୫୪୩ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ଏକ ଗରିବ ପରିବାରରୁ ଆସିଥିବା ଅନୁପମଙ୍କ ଘର କଙ୍କଡ଼ାସୋଡ଼ା ଗ୍ରାମରେ। ବାପା ଅରବିନ୍ଦ ବେହେରା ଜଣେ ଚିତ୍ରଶିଳ୍ପୀ ହୋଇଥିବା ବେଳେ ମା' ରୁନୁ ବେହେରା ଗୃହିଣୀ। ଅଭାବ ଅନଟନ ସତ୍ତ୍ୱେ ପରୀକ୍ଷାରେ ଶ୍ରେଷ୍ଠ ସ୍ଥାନ ହାସଲ କରି ସେ ଅନ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଆଗାମୀ ଦିନରେ ଜଣେ ଆଇଏଏସ୍ ଅଫିସର ହେବାକୁ ସେ ଲକ୍ଷ୍ୟ ରଖିଛନ୍ତି। ତେବେ ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ପୁଅଙ୍କ ଉଚ୍ଚଶିକ୍ଷାରେ ସରକାର ସହାୟତାର ହାତ ବଢ଼ାଇବାକୁ ଅନୁପମଙ୍କ ମା'ବାପା ନିବେଦନ କରିଛନ୍ତି। କଲେଜର ଫଳାଫଳକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ। ଅଗଷ୍ଟ ୮ରେ ଯୁକ୍ତ ଦୁଇ କଳା ଏବଂ ଧନ୍ଦାମୂଳକ ଶିକ୍ଷା ଫଳାଫଳ ଘୋଷଣା ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ମିଳିଛି। ଏହାକୁ ନେଇ ସମ୍ପୃକ୍ତ ବିଭାଗର ପରୀକ୍ଷାର୍ଥୀଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି।

# ସାଇକ୍ରୃପାରେ ଶତ ପ୍ରତିଶତ ରେଜଲ୍ଟ

ଢେଙ୍କାନାଳ ଅଫିସ, ୨୮।୭

ଢେଙ୍କାନାଳ ସହର କୁଞ୍ଜକାନ୍ତସ୍ଥିତ ସାଇକୃପା ଯୁକ୍ତ ୨ ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରେଜଲ୍ଟ ଶତ ପ୍ରତିଶତ ହୋଇଛି। ପରୀକ୍ଷା ଦେଇଥିବା ୧୩୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୧୨ଜଣ ପ୍ରଥମ ଏବଂ ୨୦ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ର ଦିବ୍ୟଜ୍ୟୋତି ମହାନ୍ତି ୮୭.୫% ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ସେହିପରି ବବୁଲ ସାହୁ (୫୨୧), ଦୀପକ କୁମାର ରାଉତ (୫୨୧), ଲକ୍ଷ୍ମୀପ୍ରିୟା ଓଝା (୫୦୮), ଶୁଭସ୍ମିତା ସାହୁ (୫୦୫), ଦୁର୍ଗାପ୍ରସାଦ ମହାଭୋଇ (୫୦୫), ସାଇପ୍ରଭା ଦାସ (୫୦୨), ଅନନ୍ୟା ସ୍ୱାଇଁ (୫୦୦), ଅରୋପ୍ରସାଦ ସାହୁ (୪୪୮) ମାର୍କ ରଖି ଶିକ୍ଷାନୁଷ୍ଠାନର ଗୌରବ ବଢ଼ାଇଛନ୍ତି।


ଦିବ୍ୟଜ୍ୟୋତି ମହାନ୍ତି।


ବବୁଲ ସାହୁ।


ଦୀପକ ରାଉତ।

### ଗୌରବ ବଢ଼ାଇଲେ ଦିବ୍ୟଜ୍ୟୋତି

୧୦୫ ପରୀକ୍ଷାର୍ଥୀ ମାଟ୍ରିକ୍ ତୁଳନାରେ ଉତ୍ତମ ପ୍ରଦର୍ଶନ କରି ଅଧିକ ମାର୍କ ରଖିଛନ୍ତି। କଲେଜର ଏହି ସଫଳତା ପାଇଁ ପରିଚାଳନା ପରିଷଦ ଅଧ୍ୟକ୍ଷ ଅନ୍ନଦା କୁମାର ମହାନ୍ତି, ଅଧ୍ୟକ୍ଷ ଡ. ତୁଷାର କୁମାର ମହାନ୍ତି କୃତୀ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅଧ୍ୟାପିକା ଅଧ୍ୟାପକ, ଅଭିଭାବକ ଏବଂ କର୍ମଚାରୀଙ୍କୁ ଏହାର ଶ୍ରେୟ ଦେଇଛନ୍ତି।

# ବାଣିଜ୍ୟରେ ପ୍ରଥମ ଶ୍ରେଣୀରେ ୩୯

ଢେଙ୍କାନାଳ ଅଫିସ, ୨୮।୭

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପକ୍ଷରୁ ପ୍ରକାଶିତ ଯୁକ୍ତ ୨ବାଣିଜ୍ୟ ପରୀକ୍ଷାରେ ଚମକିଛନ୍ତି ଢେଙ୍କାନାଳ ସହର କୁଞ୍ଜକାନ୍ତସ୍ଥିତ ଆଇ.ସି. ଟ୍ୟୁଟୋରିଆଲର ଛାତ୍ରୀଛାତ୍ର। ଅନୁଷ୍ଠାନର ପରୀକ୍ଷା ଫଳ ଶତ ପ୍ରତିଶତ ହୋଇଛି।


ତନୁଶ୍ରୀ ପରିଡ଼ା।


ତନୁଶ୍ରୀ ବିଶ୍ୱାଳ।


ରୋନିତ ଗୋଏଲ।

ମୋଟ ୪୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୯ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୩୫ ଛାତ୍ରୀଛାତ୍ର ସେମାନଙ୍କର ମାଟ୍ରିକ ମାର୍କଠାରୁ ହାରାହାରି ୨୦% ଅଧିକ ରଖିଛନ୍ତି। ଟ୍ୟୁଟୋରିଆଲରେ ପାଠ ପଢୁଥିବା ୩ଜଣ ପିଲା ୯୦%ରୁ ଅଧିକ ମାର୍କ ରଖିଛନ୍ତି। ତନ୍ମଧ୍ୟରେ ଢେଙ୍କାନାଳ ଜୁନିୟର କଲେଜର ବାଣିଜ୍ୟ ଛାତ୍ରୀ ତନୁଶ୍ରୀ ପରିଡ଼ା ୬୦୦ରୁ ୫୫୮ ମାର୍କ ରଖି ଟପ୍ପର ହୋଇଥିବାବେଳେ ତନୁଶ୍ରୀ ବିଶ୍ୱାଳ ୬୦୦ରୁ ୫୫୧ ନମ୍ବର ରଖି ଦ୍ୱିତୀୟ,

### ଆଇ.ସି. ଟ୍ୟୁଟୋରିଆଲ

ରୋନିତ ଗୋଏଲ ୬୦୦ରୁ ୫୪୮ ମାର୍କ ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି। ଢେଙ୍କାନାଳ ଜୁନିୟର କଲେଜର ୫୦୦ରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୧୯ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଇ.ସି. ଟ୍ୟୁଟୋରିଆଲର ୧୭ଜଣ ଅଛନ୍ତି। ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଏଭଳି ସଫଳତା ପାଇଁ ନିର୍ଦ୍ଦେଶକ ରୂପେଶ କୁମାର ମହାନ୍ତି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଖାରବେଳ ଏକାଡେମୀ: ଦୀପ୍ତିରଞ୍ଜନ ଟପ୍ପର

**ଢେଙ୍କାନାଳ ଅଫିସ, ୨୮।୭:** ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ରହଣିସ୍ଥିତ ଖାରବେଳ ଏକାଡେମୀରେ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ପାସ୍ ହାର ଶତପ୍ରତିଶତ ହୋଇଛି। ୪୭ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୭ଜଣ ପ୍ରଥମ ଶ୍ରେଣୀ ଓ ୧୦ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ର ଦୀପ୍ତିରଞ୍ଜନ ସାହୁ ୯୦% ମାର୍କ ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ଛାତ୍ରୀ ଲକ୍ଷ୍ମୀପ୍ରିୟା ସାହୁ (୮୬%), ଛାତ୍ର ଦିବ୍ୟଜ୍ୟୋତି ଦେହୁରୀ (୮୩%) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏକାଡେମୀର ଅଧ୍ୟକ୍ଷ, ଅଧ୍ୟାପିକା ଅଧ୍ୟାପକ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।


ଦୀପ୍ତିରଞ୍ଜନ ସାହୁ।


ଲକ୍ଷ୍ମୀପ୍ରିୟା ସାହୁ।


ଦିବ୍ୟଜ୍ୟୋତି ଦେହୁରୀ।

# ୧୧୮ ୟୁନିଟ୍ ରକ୍ତ ସଂଗ୍ରହ


ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରୁଛନ୍ତି।

### ୩୧ରେ ନବ ଲିମିଟେଡ୍‌ର ରୌପ୍ୟ ଜୟନ୍ତୀ

ଢେଙ୍କାନାଳ ଅଫିସ, ୨୮।୭

ଆସନ୍ତା ୩୧ ତାରିଖରେ ରୌପ୍ୟ ଜୟନ୍ତୀ ପାଳନ କରିବ ଢେଙ୍କାନାଳ ଜିଲା ଖଡଗପ୍ରସାଦସ୍ଥିତ ନବ ଲିମିଟେଡ୍ କମ୍ପାନୀ (ପୂର୍ବନାମ ନବଭାରତ ଭେଞ୍ଚର୍ସ ଲିମିଟେଡ୍)। ଏହି ଉପଲକ୍ଷେ କମ୍ପାନୀ ପକ୍ଷରୁ ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୧୧୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ କମ୍ପାନୀର ଉପସଭାପତି ତଥା ଅବସରପ୍ରାପ୍ତ କମୋଡର ଜି. ପ୍ରକାଶ ଯୋଗଦେଇଥିଲେ। ରକ୍ତଦାନ କରି ସେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କମ୍ପାନୀର ବହୁ ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ରକ୍ତଦାନ କରିଥିଲେ। ଦାୟିତ୍ୱବାନ ଅନୁଷ୍ଠାନ ଭାବେ କମ୍ପାନୀ ଦୀର୍ଘ ୨୫ବର୍ଷ ଧରି ସାମାଜିକ ଦାୟିତ୍ୱ ତୁଲାଇ ଆସିଛି। ଏହା ନୂତନ ଉଦ୍ଦେଶ୍ୟ, ଶକ୍ତି ଓ ଉତ୍ସାହର ଭାବନାକୁ ସୂଚାଉଛି ବୋଲି ଉପସଭାପତି କମୋଡର ଜି. ପ୍ରକାଶ ମତବ୍ୟକ୍ତ କରିଥିଲେ।







DSPL- 119

NATIONAL HEALTH MISSION

## ଡାଇରିଆ (ତରଳ ଝାଡା) ପ୍ରତି ସତର୍କ ଓ ସଚେତନ ରୁହନ୍ତୁ

**ଡାଇରିଆର ଲକ୍ଷଣ :**

ଦିନକୁ ୩ ଥର ବା ତା'ଠାରୁ ଅଧିକ ପତଳା ଝାଡା, ଦେହହାତ ଘୋଳାବିନ୍ଧା, ହାଲିଆ ଲାଗିବା ସହ ଜିଭ ଏବଂ ଓଠ ଶୁଖିଯିବା, ଅଧିକ ଶୋଷ ଲାଗିବା ଓ ପରିସ୍ରା କମ୍ ହେବା। ଏପରି କ୍ଷେତ୍ରରେ ତୁରନ୍ତ ଆଶା କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କୁ ସୂଚନା ଦେବା ସହିତ ଓ.ଆର୍.ଏସ୍ କିମ୍ବା ଘରେ ମିଳୁଥିବା ତୋରାଣି, ପଇଡ ପାଣି, ଚିନି ଲୁଣ ସର୍ବତ ଆଦି ଯଥେଷ୍ଟ ପରିମାଣରେ ପିଇବାକୁ ଦିଅନ୍ତୁ।

**ଡାଇରିଆର ପ୍ରତିରୋଧ :**

**କରନ୍ତୁ :**

- ✓ ବାହାରେ ଝାଡା ନଯାଇ କେବଳ ପାଇଖାନା ବ୍ୟବହାର କରନ୍ତୁ।
- ✓ ପାଇଖାନା ଯିବା ସମୟରେ ଚପଲ ବ୍ୟବହାର କରନ୍ତୁ।
- ✓ ଶୌଚ ପରେ, ଖାଦ୍ୟ ପରଷିବା କିମ୍ବା ଖାଇବା ପୂର୍ବରୁ ହାତକୁ ଭଲ ଭାବରେ ସାବୁନ୍‌ରେ ଧୁଅନ୍ତୁ।
- ✓ ବିଶୋଧିତ ପାଇପ୍ ପାଣି, ଗଭୀର ନଳକୂଅ ପାଣି, ହାଲୋଜେନ ବଟିକା ପଡିଥିବା ପାଣି କିମ୍ବା ଫୁଟା ପାଣି ପିଅନ୍ତୁ।
- ✓ ତରଳ ଝାଡା ସମୟରେ ଜଳ ଶୁଷ୍କତାରୁ ରକ୍ଷା ପାଇବା ପାଇଁ ଓ.ଆର୍.ଏସ୍ କିମ୍ବା ଘରେ ମିଳୁଥିବା ତୋରାଣି, ପଇଡ ପାଣି, ଚିନି ଲୁଣ ସର୍ବତ ଆଦି ପିଅନ୍ତୁ।
- ✓ ପିଇବାପାଣି ପାତ୍ରରେ ହାତ ନବୁଡାଇ ଡଙ୍କି ବ୍ୟବହାର କରନ୍ତୁ।
- ✓ ତଟକା ଓ ଗରମ ଖାଦ୍ୟ ଖାଆନ୍ତୁ।

**କରନ୍ତୁ ନାହିଁ :**

- ✗ ନଇ, ଝରଣା, ଚୂଆ ବା ପୋଖରୀ ଆଦି ପାଣି ପିଅନ୍ତୁ ନାହିଁ।
- ✗ କୂଅ, ନଳକୂଅ ପାଖରେ ବାସନକୁସନ ଧୁଅନ୍ତୁ ନାହିଁ କିମ୍ବା ଲୁଗାପଟା ସଫାକରନ୍ତୁ ନାହିଁ।
- ✗ ବାସି, ପଚାସଢ଼ା ବା ମାଛିବସା ଖାଦ୍ୟ ଖାଆନ୍ତୁ ନାହିଁ।
- ✗ ଝାଡା ରୋଗୀର ଅପରିଷ୍କାର ଲୁଗାପଟା ନଦୀ, ପୋଖରୀ ଓ ଝରଣା ଆଦିରେ ଧୁଅନ୍ତୁ ନାହିଁ।



ଡାଇରିଆର ଚିକିତ୍ସା ସମସ୍ତ ସରକାରୀ ଡାକ୍ତରଖାନାରେ ବିନାମୂଲ୍ୟରେ ଉପଲବ୍ଧ। ତୁରନ୍ତ ଚିକିତ୍ସା ଦ୍ୱାରା ଜୀବନ ରକ୍ଷା ସମ୍ଭବ।

OIPR-10003/13/0049/2223

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
http://www.health.odisha.gov.in/
@HFWOdisha





## କଣ୍ଟେନର ଦୁର୍ଘଟଣାଗ୍ରସ୍ତ

ଭଣ୍ଡାରିପୋଖରୀ, (ସ୍ୱ.ପ୍ର.)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ୧୬ ନଂ. ଜାତୀୟ ରାଜପଥରେ ଗୁରୁବାର ମଧ୍ୟାହ୍ନରେ ଏକ କଣ୍ଟେନର ଦୁର୍ଘଟଣାଗ୍ରସ୍ତ ହେବାରୁ ଦୁଇଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, କଣ୍ଟେନରଟି ବାଲେଶ୍ୱର ପଟୁ କଟକ ଅଭିମୁଖେ ଯାଉଥିଲା। ରାଜେନ୍ଦ୍ରପୁର ନିକଟ ଏକ ପୋଲର ପ୍ରାଚୀରକୁ ଗାଡ଼ିଟି ଧକ୍କା ଦେଇଥିଲା। ଏପରିକି ଚାଳକ ଗାଡ଼ିକୁ ସିଧା ପ୍ରାଚୀରର ୧୦ଫୁଟ ଯାଏ ଚଢ଼ାଇ ଦେଇଥିଲେ। ଏଥିରେ ହେଲ୍‌ପରଙ୍କ ସହ ଅନ୍ୟ ଜଣେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

### ସଂକ୍ଷେପରେ

## ଦୁଇ ଟ୍ରକ୍ ଧକ୍କା, ୨ ଗୁରୁତର

ବଇଣ୍ଡା,୨୮।୭(ଡି.ଏନ.ଏ)- କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ଫୁଲାମ୍ବା ନିକଟରେ ଗୁରୁବାର ଦୁଇ ଟ୍ରକ୍ ମଧରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ ଜଣ ଚାଳକ ଗୁରୁତର ହୋଇଛନ୍ତି। ଘଟଣାରୁ ଜଣାପଡିଛି, ସମ୍ବଲପୁରରୁ କଟକ ଅଭିମୁଖେ ଟ୍ରକ୍ (ନଂ. ମ୍‌ଏଚ୧୬ସିଡି-୨୨୮୧) ମାଲ ବୋଝେଇ କରି ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଆଉ ଏକ ଟ୍ରକ୍ (ନଂ. ଓଡି୩୫ସି-୩୩୪୨) ସହ ଧକ୍କା ହୋଇଥିଲା। ଫଳରେ ଦୁଇ ଗାଡିର ୨ ଜଣ ଚାଳକ ଗୁରୁତର ହୋଇଥିଲେ। ସେମାନଙ୍କୁ ସ୍ଥାନୀୟବାସୀ ଉଦ୍ଧାର କରି ଚିକିତ୍ସା ପାଇଁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବରପାଇ ହଣ୍ଡପା ପୋଲିସ ପହଞ୍ଚି ୨ଟି ଗାଡି ଜବତ କରିଛି। ଏ ନେଇ ନମ୍ବର ୧୯୧/୨୨ ରେ ଏକ ମାମଲା ରୁଜୁ ହୋଇଛି।

## ଶିକାରୀ ଗିରଫ, ବନ୍ଧୁକ ଜବତ

ବଇଣ୍ଡା,୨୮।୭(ଡି.ଏନ.ଏ)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କେଞ୍ଜୁଆନାଳି ଗ୍ରାମରେ ବୁଧବାର ରାତିରେ ଧଣ୍ଡାତୋପା ବନବିଭାଗ ପକ୍ଷରୁ ଚଢାଉ କରାଯାଇ ଶିକାରୀ ଦୁର୍ଯ୍ୟ ଭୋଇଙ୍କୁ ଗିରଫ କରାଯାଇଛି। ଏଥିସହ ତାଙ୍କ ଘରୁ ଏକ ଦେଶୀ ବନ୍ଧୁକ ଜବତ କରାଯାଇଛି। ବନବିଭାଗ ପକ୍ଷରୁ ଜଣାପଡିଛି, ଦୁର୍ଯ୍ୟ କିଛି ମାସ ହେବ ବେଆଇନ ଭାବେ ଏକ ଚୋରା ଦେଶୀ ବନ୍ଧୁକ ରଖି ଜନ୍ତୁ ଶିକାର କରୁଥିଲେ। ଖବର ପାଇ ଧଣ୍ଡାତୋପା ବନବିଭାଗ ଚଢାଉ କରିଥିଲା।

## ଶିକ୍ଷକ ନିଯୁକ୍ତି ନ ହେଲେ ତାଲା ବନ୍ଦ ନିଷ୍ପତ୍ତି

ବନ୍ତଳା,୨୮।୭(ଡି.ଏନ.ଏ)- ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଜଗନ୍ନାଥପୁର ପଞ୍ଚାୟତ କୁଲାଙ୍ଗୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ନେଇ ଅସନ୍ତୋଷ ଦେଖାଦେଇଛି। ଏ ନେଇ ବୁଧବାର ବିଦ୍ୟାଳୟର ସମସ୍ତ ଅଭିଭାବକ ଓ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ସାତକୋଶିଆ ଅଭୟାରଣ୍ୟ ଭିତରେ କୁଲାଙ୍ଗୀ ଗ୍ରାମ ରହିଛି। ଶିକ୍ଷା କ୍ଷେତ୍ରକୁ ଗୁରୁତ୍ୱ ଦେଇ ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରାଯାଇଛି। କିନ୍ତୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୫୦ ଜଣ ଛାତ୍ରୀଛାତ୍ର ଥିବାବେଳେ ମାତ୍ର ଜଣେ ଶିକ୍ଷକ ପାଠ ପଢ଼ାଉଛନ୍ତି। ଅଧିକାଂଶ ସମୟରେ ଶିକ୍ଷକଙ୍କ ସରକାରୀ କାର୍ଯ୍ୟ ବ୍ୟସ୍ତତା ଓ ଶରୀର ଅସୁସ୍ଥତା ନେଇ ବିଦ୍ୟାଳୟ ବନ୍ଦ ରହୁଛି। ଏକ ସପ୍ତାହ ମଧରେ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି କରା ନ ଗଲେ ସମସ୍ତ ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇବା ପାଇଁ ମାଧବ ଦେହୁରୀ, ତ୍ରିଲୋଚନ ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ଗୌତମ ପ୍ରଧାନ, ମନୋଜ ପ୍ରଧାନ, ସନାତନ ଯାନୀ, ହଟକିଶୋର ବେହେରାଙ୍କ ସମେତ ସମସ୍ତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ବେଆଇନ କଫ ଶିରପ ଜବତ, ୩ ଗିରଫ

କଣିହାଁ,୨୮।୭(ଡି.ଏନ.ଏ)- କଣିହାଁ ବ୍ଲକ ସମଲ ପୋଲିସ ଗୁରୁବାର କୁଲେଇ ଗ୍ରାମରେ ଚଢାଉ କରି ବେଆଇନ କଫ ଶିରପ ଜବତ କରିଛି। ଏହି ଘଟଣାରେ କୁଲେଇ ଗ୍ରାମର ନରେନ୍ଦ୍ର ଦାସ(୩୩), ନରେନ୍ଦ୍ରଙ୍କ ବାପା ହରି ଦାସ ଓ ଅନ୍ୟ ଜଣେ ଯୁବକ ଆର୍ତ୍ତତ୍ରାଣ ସାମଲଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ନରେନ୍ଦ୍ରଙ୍କ ଘରୁ ୫୩ଟି କଫ ଶିରପ ଜବତ ହୋଇଛି। ଏ ନେଇ ନମ୍ବର ୨୦୫/୨୦୨୨ରେ ମାମଲା ରୁଜୁ ହୋଇଛି। ବୁଧବାର ବିଳମ୍ବିତ ରାତିରେ କୌଣସି ସୂତ୍ରରୁ ଖବରପାଇ ପୋଲିସ ନରେନ୍ଦ୍ର ଘରେ ଚଢ଼ାଉ କରିଥିଲା। ଦୀର୍ଘଦିନ ଧରି ଏମାନେ ବେଆଇନ କଫ ଶିରପ ବ୍ୟବସାୟ ଚଳାଇ ଆସୁଥିବା ପୋଲିସ ସୂଚନା ଦେଇଛି।

## ମହିମାଧର୍ମୀ ନାମ ଗୁରୁଙ୍କ ପରଲୋକ

କଣିହାଁ,୨୮।୭(ଡି.ଏନ.ଏ)- କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀ ପଞ୍ଚାୟତ ବଡ଼ହୀରା ଗ୍ରାମର ଅଲେଖ ମହିମା ଧର୍ମୀ ନାମ ସଂକୀର୍ତ୍ତନ ଗୁରୁ ଯୁଧିଷ୍ଠିର ସାହୁ(୭୫)ଙ୍କ ଗୁରୁବାର ପରଲୋକ



ହୋଇଯାଇଛି। ତାଙ୍କ ଶେଷ ଦର୍ଶନ ପାଇଁ ଅନେକ ନାମପ୍ରେମୀ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମାସେ ହେବ ସେ ଶଯ୍ୟାଶାୟୀ ଥିଲେ। ରାତିରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଦେଶୀ ପଦ୍ଧତିରେ ବିଦେଶୀ ଫଳ

■ୟୁଟ୍ୟୁବ୍‌ରୁ ଶିଖି ଫଳାଇଲେ ଡ୍ରାଗନ୍ ଫ୍ରୁଟ୍
■ଯୁବଚାଷୀ ରତିକାନ୍ତଙ୍କ ଉଦ୍ୟମ ସଫଳ
■ପ୍ରଥମ ବର୍ଷ ଅମଳ ହୋଇଛି ୨ କୁଇଣ୍ଟାଲ

ପଦ୍ମପୁର, ୨୮।୭ (ଡି.ଏନ.ଏ)

ସିମେଣ୍ଟ ଖୁଣ୍ଟ ଉପରେ ମାଡ଼ିଛି କଣ୍ଟା ଜାତୀୟ ବିଦେଶୀ ଡ୍ରାଗନ ଫ୍ରୁଟ୍ ଗଛ। ଲତାଗୁଡ଼ିକ ଭଲ ଭାବେ ବଢ଼ିବା ପାଇଁ ତିଆରି ହୋଇଥିବା ସ୍ୱତନ୍ତ୍ର ଖୁଣ୍ଟ ଧାଡ଼ି ଧାଡ଼ି କରି ପୋତାଯାଇଛି। ଭଦ୍ରକ ଜିଲା ବାସୁଦେବପୁର ପୌରାଞ୍ଚଳ ପାଢ଼ୀ ସାହିର ଯୁବଚାଷୀ ରତିକାନ୍ତ ପାଢ଼ୀଙ୍କ ବାଡ଼ିରେ ଫଳିଛି ଏହି ବିଦେଶୀ ଫଳ। ସମ୍ପୂର୍ଣ୍ଣ ଜୈବିକ ପଦ୍ଧତି, ଜୈବ ଜିଆଖତ ଓ ପିଡ଼ିଆ ବ୍ୟବହାର କରି ଦେଢ଼ ଏକରରୁ ଊର୍ଦ୍ଧ୍ୱ ଜମିରେ ସେ ଏହି ଚାଷ କରିଛନ୍ତି।

ରତିକାନ୍ତ କହନ୍ତି, ୟୁଟ୍ୟୁବ୍‌ରୁ ଡ୍ରାଗନ ଫଳ ଖାଇବାର ଉପକାରିତା ଓ ଚାଷ ପ୍ରଣାଳୀ ବିଷୟରେ ତଥ୍ୟ ସଂଗ୍ରହ କରି ଗତବର୍ଷ ଗୁଜରାଟରୁ ୧୦୦୦ ଡ୍ରାଗନ ଗଛ କିଣି ଆଣିଥିଲେ। ସେହିବର୍ଷ ଜୁନ୍‌ରେ ନିଜ ବାଡ଼ିରେ ସେ ଏହି ଗଛ ଲଗାଇଥିଲେ। ଏହାର ୧୦ ମାସ ପରେ ଗଛରେ ଫଳ ଫଳିବା ଆରମ୍ଭ କରିଥିଲା। ଏହି ଫଳର ଔଷଧୀୟ ଗୁଣ ଯୋଗୁ ବଜାରରେ ଚାହିଦା ମଧ୍ୟ ଅଧିକ। ଉକ୍ତ ରକ୍ତଚାପ, କର୍କଟ ଓ ମଧୁମେହ ରୋଗୀ ଏହି ଫଳକୁ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହ ରୋଗ ମଧ୍ୟ ନିୟନ୍ତ୍ରଣ ହୋଇଥାଏ। ବଜାରରେ କିଲୋ ପ୍ରତି ଏହି ଫଳ ୧୮୦ରୁ ୨୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ପ୍ରଥମ ବର୍ଷ ୨ କୁଇଣ୍ଟାଲରୁ ଅଧିକ ଫଳ ବିକ୍ରି ହୋଇଛି। ଚଳିତବର୍ଷ ଏଥିରୁ ଅଧିକ ୪ ଗୁଣା ଫଳ ଉତ୍ପାଦନ ହେବ ବୋଲି ସେ ଆଶା ରଖିଛନ୍ତି। ଏହି ଗଛ ଥରେ ଲଗାଇଲେ ୩୦ ବର୍ଷ ଯାଏ ବଞ୍ଚି ରହିବ ବୋଲି ସେ କହିଛନ୍ତି। ଏହି ଚାଷ ପାଇଁ ସେ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ନୂଆ ପ୍ରକାର ଚାଷ ଯୋଗୁ ବିଫଳ ହେବା ଆଶଙ୍କା କରି ସେ ଡ୍ରାଗନ ଗଛ ମଝିରେ ଲଗାଇଥିଲେ ତାଇୱାନ ପିଜୁଳି ଗଛ। ତେବେ ଉଭୟ ଗଛ ଆଶାଠାରୁ ଅଧିକ ଫଳ ଦେଇଛି।



ନିଜ ବଗିଚାରେ ରତିକାନ୍ତ ପାଢ଼ୀ।

ଅଦ୍ୟାବଧି ପ୍ରାୟ ୩ କୁଇଣ୍ଟାଲ ପିଜୁଳି ବିକ୍ରି ହୋଇଛି। ସେହିପରି ରତିକାନ୍ତ ପର୍ସେମନ, ଆଭାକାଡ଼ୋ, ଏପ୍ରିକଟ, ଚେରି, ୱାଲନଟ, ଲାଲ, ସବୁଜ ଓ କଳା ଅଙ୍ଗୁର, ମଞ୍ଜି ବିହୀନ ଲେମ୍ବୁ, ବିରଳ ପ୍ରଜାତିର ଆମ୍ବ, ଆପଲ ଗଛ ମଧ୍ୟ ଲଗାଇଛନ୍ତି। ବନ୍ୟଜନ୍ତୁଙ୍କ କବଳରୁ ଫସଲ ରକ୍ଷା ପାଇଁ ବିଦ୍ୟୁତ୍ ଝଟକାର ବ୍ୟବସ୍ଥା କରିଛନ୍ତି। ବାଡ଼ିରେ ସ୍ୱତନ୍ତ୍ର ଭାବେ କମ୍ପୋଷ୍ଟ ପିଟ୍ ତିଆରି କରିଥିବା ସହ ବୁନ୍ଦା ଜଳସେଚନ ବ୍ୟବସ୍ଥା କରିଛନ୍ତି। ସରକାରଙ୍କ ପକ୍ଷରୁ ଚଳିତବର୍ଷ ପ୍ରୋତ୍ସାହନ ରାଶି ବାବଦରେ ତାଙ୍କୁ ୫୦ ହଜାର ଟଙ୍କାର ସହାୟତା ରାଶି ମିଳିଛି। ବଗିଚା ପାଇଁ ମୋଟ ୮ରୁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ସ୍ଥାନୀୟ ଉଦ୍ୟାନ ବିଭାଗ ଦେଇଛି ବୈଷୟିକ ସହାୟତା। ବଗିଚାର ରକ୍ଷଣାବେକ୍ଷଣ ନିଜେ ତଦାରଖ କରୁଥିବା ବେଳେ ଅନ୍ୟ ଦୁଇ ଜଣଙ୍କୁ ସ୍ଥାୟୀ ନିଯୁକ୍ତି ଦେଇଛନ୍ତି। ଏହିଭଳି ନୂତନ ପଦ୍ଧତିରେ ଜ୍ଞାନକୌଶଳକୁ ବ୍ୟବହାର କରି ଆଗାମୀ ଯୁବପିଢ଼ି ଆତ୍ମନିର୍ଭରଶୀଳ ହେବା ସହ ଅନ୍ୟକୁ ରୋଜଗାରକ୍ଷମ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି।

## ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

ବୈଶିଙ୍ଗା,୨୮।୭(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥ ପାର୍ଶ୍ୱ ଗଡ଼ଦେଉଳିଆଠାରେ ଥିବା ମ୍ୟାନେଜର ସିଂ ଢାବାରେ ଗତ ମାସ ୧୮ ତାରିଖ ବିଳମ୍ବିତ ରାତିରେ ସଂଘବଦ୍ଧ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତ ଜିତ୍ ପଟ୍ଟନାୟକଙ୍କୁ ବାରିପଦାରୁ ଗିରଫ କରିଛି ବୈଶିଙ୍ଗା ପୋଲିସ। ସୂଚନା ଅନୁଯାୟୀ, ଦୁଇଟି ବୋଲେରୋରେ ୧୫ ଜଣ ଯୁବକ ଢାବାରେ ପହଞ୍ଚି ଖାଇସାରିବା ପରେ ମାଲିକଙ୍କ ସାନ ଭାଇଙ୍କ ସହିତ ଯୁକ୍ତି ତର୍କ ଓ ଗଣ୍ଡଗୋଳ କରିଥିଲେ। ଉତ୍‌କ୍ଷିପ୍ତ ହୋଇ ଯୁବକମାନେ ଢାବା ମାଲିକଙ୍କ ସହ ଅନ୍ୟ କର୍ମଚାରୀମାନଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିଦେଇଥିଲେ। ଏ ସମ୍ପର୍କରେ ଥାନାରେ ଏକ ମାମଲା(ନଂ.୧୭୨/୨୨) ରୁଜୁ କରାଯାଇ ତଦନ୍ତ ଚାଲିଥିବା ବେଳେ ଗୁରୁବାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ପରେ ଅପରାହ୍ନରେ କୋର୍ଟଚାଲାଣ କରାଯାଇଛି। ଅନ୍ୟ ଅପରାଧୀମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର କହିଛନ୍ତି।

# ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା




ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥି।

ଖଇରା, ୨୮।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ନୂଆସ୍ଥିତ ବୁଢ଼ୀଜାଗୁଲାଇ ଉ.ପ୍ରା. ବିଦ୍ୟାଳୟ ପରିସର ମଧ୍ୟରେ ଅନ୍ତରା କ୍ଲଷ୍ଟରସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା ସହିତ ଚଳିତ ମାଟ୍ରିକ ପରୀକ୍ଷାରେ ଏ ୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ୧୧ କୃତୀ ଛାତ୍ରୀଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଭାରେ ଅନ୍ତରା କ୍ଲଷ୍ଟର ସିଆରସିସି ଲମ୍ବୋଦର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଖଇରା ବ୍ଲକ ଶିକ୍ଷା ଅଧିକାରୀ ଗୋଲକ ବିହାରୀ ପାଢ଼ୀ, ମୁଖ୍ୟବକ୍ତା ଭାବେ ପ୍ରଫୁଲ୍ଲ କୁମାର ଦାସ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ସ୍ତରରେ ୩ଜଣ ଶିକ୍ଷକ ଗୋଲକ ମହାପାତ୍ର, ଉଦୟ ନାରାୟଣ ସାହୁ, ବାବାଜୀ ସାହୁଙ୍କୁ ବିଦାୟକାଳୀନ ଅବସରରେ ମାନପତ୍ର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ ଛାତ୍ରୀଛାତ୍ର ଭାବେ ଅନ୍ତରା ହାଇସ୍କୁଲର ବର୍ଷା ମହାପାତ୍ର, ପ୍ରୀତିଶ୍ରୀ ସାମଲ, ଅନନ୍ୟା ପ୍ରିୟଦର୍ଶନୀ ସେଠୀ, ରପେୟା ହାଇସ୍କୁଲର ରଞ୍ଜିତା ସାହାଣୀ, ବରଦା ହାଇସ୍କୁଲର ଜିଜ୍ଞାସା ମହାପାତ୍ର, ଗୌତମ ଜେନା, ଭଗବାନ ପାଢ଼ୀ, ଲିଜାରାଣୀ ପ୍ରଧାନ, ନୀଳାଦ୍ରି ବିହାରୀ ସେଠୀ, ପ୍ରବୀଣ କୁମାର ଦୀକ୍ଷିତ, ପ୍ରିୟଙ୍କା ଦାସ ଏବଂ ନୂଆ ହାଇସ୍କୁଲର ଲକ୍ଷ୍ମୀପ୍ରିୟା ସାହୁ ସମ୍ବର୍ଦ୍ଧିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ପୁରେଧା ଭାବେ ଶିକ୍ଷକ କୈଳାଶ ଦାସ ଏବଂ ନୂଆ ବୁଢ଼ୀଜାଗୁଲାଇ ଉ.ପ୍ରା. ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଭୂତି ଭୂଷଣ, ପୂର୍ବତନ ସିଆରସିସି ନଟବର ମହାପାତ୍ର, ଶିକ୍ଷକ ରଞ୍ଜନ ମହାନ୍ତି, ଲମ୍ବୋଦର ପଣ୍ଡା ଓ ଦୟାନିଧି ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଭାରେ ନୂଆ ବିଜେୟୁବି ଉଚ୍ଚ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ମହେନ୍ଦ୍ର ଜେନା ସ୍ୱାଗତ ଭାଷଣ ଓ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ କୈଳାଶ ଦାସ ଅତିଥିଙ୍କୁ ଧନ୍ୟବାଦ ଦେଇଥିଲେ।

## ଜିଲା କାରାଗାରରୁ ଆଜୀବନ କଏଦୀ ଖଲାସ

କେନ୍ଦୁଝର, ୨୮।୭ (ସ୍ୱ.ପ୍ର./ଡି.ଏନ.ଏ.)

ରାଜ୍ୟ ଦଣ୍ଡ ସମୀକ୍ଷା ବୈଠକର ସୁପାରିଶ କ୍ରମେ ଏବଂ ରାଜ୍ୟ ସରକାରଙ୍କର ଅନୁମୋଦନ କ୍ରମେ କେନ୍ଦୁଝର ଜିଲା କାରାଗାରରୁ ଜଣେ ଆଜୀବନ କଏଦୀ ଖଲାସ ହୋଇଛନ୍ତି। ଦୀର୍ଘ ୧୮ ବର୍ଷ ଶୃଙ୍ଖଳିତ କାରାଜୀବନ ଅତିବାହିତ କରିବା ପରେ ଗୁରୁବାର ଜେଲ୍‌ରୁ ମୁକୁଳିଛନ୍ତି। କଏଦୀ ଜଣକ ହେଲେ କାଇରା ମୁଣ୍ଡା(୬୫)। ସେ ଗତ ୨୦୦୬ ଏପ୍ରିଲ ୧୦ରେ ଚମ୍ପୁଆ ଦୌରାଜଜ୍‌ଙ୍କ କୋର୍ଟରେ ସ୍ତ୍ରୀ ହତ୍ୟା ଅଭିଯୋଗରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ। ତାଙ୍କ ଘର ଚମ୍ପୁଆ ବ୍ଲକ ସାନହୁଣ୍ଡୁଳା ଗ୍ରାମରେ। କାଇରାଙ୍କ ଖଲାସ ପ୍ରସ୍ତାବ ଜିଲା ଆରକ୍ଷୀ ଅଧୀକ୍ଷକ ଏବଂ ଜିଲାପାଳଙ୍କ ସୁପାରିଶ ସହିତ ରାଜ୍ୟ ସମୀକ୍ଷା ବୋର୍ଡକୁ ପଠାଯାଇଥିଲା। ଗତ ବୁଧବାର ତାଙ୍କର ଖଲାସ ସମ୍ପର୍କିତ ଆଦେଶ ଜେଲ କର୍ତ୍ତୃପକ୍ଷଙ୍କ ହସ୍ତଗତ ହେବାରୁ ଗୁରୁବାର ତାଙ୍କୁ ଖଲାସ କରାଯାଇଛି। ଖଲାସ ସମୟରେ ଜେଲ ଅଧୀକ୍ଷକ କୁଅଁର ମାରାଣ୍ଡି, ଜେଲର ମନସ୍ୱିନୀ ନାୟକ, କାରା ମଙ୍ଗଳ ଅଧିକାରୀ ପୂଜା ନାୟକ, ସହକାରୀ ଜେଲର ମହେଶ୍ୱର କୁଜୁର ଏବଂ ଅନ୍ୟ କାରା କର୍ମଚାରୀମାନେ ଉପସ୍ଥିତ ରହି ତାଙ୍କୁ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ତାଙ୍କର ସୁସ୍ଥ ଏବଂ ଦୀର୍ଘ ଜୀବନ କାମନା କରିଥିଲେ।

## ଡକାୟତି ଯୋଜନା ବେଳେ ଚଢ଼ାଉ: ୩ ଗିରଫ

ବଡ଼ବିଲ, ୨୮।୭(ସ୍ୱ.ପ୍ର.)

**ବନ୍ଧୁକ, ଖଣ୍ଡା, ଚୋରା ବାଇକ ଜବତ**

କେନ୍ଦୁଝର ଜିଲା ବଡ଼ବିଲ ପୋଲିସ ବୁଧବାର ବିଳମ୍ବିତ ରାତିରେ ଏକ ଡକାୟତି ଯୋଜନା ପଣ୍ଡ କରିବାକୁ ସକ୍ଷମ ହୋଇଛି। ବଡ଼ବିଲ ଅଞ୍ଚଳରେ ଡକାୟତି ନିମନ୍ତେ ଦୁର୍ବୃତ୍ତମାନେ ଯୋଜନା କରୁଥିଲାବେଳେ ପୋଲିସ ଚଢ଼ାଉକରି ୩ ଦୁର୍ବୃତ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବଡ଼ବିଲ ଥାନା କାରାଖେଣ୍ଡରା ଗ୍ରାମର ବିଜୟ ମୁଣ୍ଡା, ଟାଙ୍କୁରା ଗ୍ରାମର ଜଗା ମୁଣ୍ଡା ଓ ସୁରେଶ ମୁଣ୍ଡା। ପୋଲିସ ଦୁର୍ବୃତ୍ତ ମାନଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ, ୨ଟି ଖଣ୍ଡା, ଏକ ଚୋରା ବାଇକ, ଏକ ସ୍କୁଟି, ୨ଟି ମୋବାଇଲ ଜବତ କରିଛି। ତେବେ ପୋଲିସ ଚଢ଼ାଉ ବେଳେ ଅନ୍ଧାରର ସୁଯୋଗ ନେଇ ୨ଦୁର୍ବୃତ୍ତ ଖସିଯାଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ବଡ଼ବିଲ ଥାନା ରାଇକାଠାରେ ବନ୍ଦ ପଡିଥିବା ଶୀତଲ ମିନେରାଲ ନାମକ ଏକ କ୍ରସରରେ ୫ ଜଣ ଦୁର୍ବୃତ୍ତ ଏକାଠି ହୋଇ ଡକାୟତି ଯୋଜନା କରୁଥିବା ସୂଚନା ପାଇ ପୋଲିସ ଚଢ଼ାଉ କରିଥିଲା ପୋଲିସ। ୩ ଅଭିଯୁକ୍ତଙ୍କୁ ଗୁରୁବାର ଅପରାହ୍ନରେ କୋର୍ଟଚାଲାଣ କରାଯାଇଛି। ଫେରାର ଥିବା ୨ ଅଭିଯୁକ୍ତଙ୍କ ଗିରଫ ନେଇ ପୋଲିସ ତନାଘନା ଜାରି ରଖିଥିବା ବଡ଼ବିଲ ଇନ୍ସପେକ୍ଟର ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି।



ଗିରଫ ୩ ଅଭିଯୁକ୍ତ।

# ‘ବିଦ୍ୟୁତ୍ ଶକ୍ତିର ଅପଚୟ ନ ହେଉ’

ବାରିପଦା ଅଫିସ,୨୮।୭

ସମଗ୍ର ଭାରତ ବର୍ଷରେ ଆଜାଦୀ କି ଅମୃତ ମହୋତ୍ସବ ଅବସରରେ ଉଜ୍ଜଳ ଭାରତ–ଉଜ୍ଜଳ ଭବିଷ୍ୟତ କାର୍ଯ୍ୟକ୍ରମ ବାରିପଦା ସ୍ଥିତ ଶହୀଦ ସ୍ମୃତି ଭବନରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଓ ସମ୍ମାନିତ ଅତିଥି ଭାବେ ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ଭାବେ ପାୱାର ସିଷ୍ଟମ କର୍ପୋରେଶନ କୋଲକାତାର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ରାଜୀବ ସୂତ୍ରଧର ଉପସ୍ଥିତ ରହି ଭାରତ ସ୍ୱାଧୀନତାର ୭୫ବର୍ଷ ମଧ୍ୟରେ ଦେଶରେ ସବୁଠି ବିଜୁଳି ସଂଯୋଗ ଓ ଉତ୍ପାଦନ କ୍ଷେତ୍ରରେ ବିକାଶ ହୋଇଛି। ଏପରିକି ୨୦୧୫ରେ ଗ୍ରାମରେ ୧୨ଘଣ୍ଟା ବିଜୁଳି ଯୋଗାଣ ହେଉଥିବା ବେଳେ ୨୦୨୨ରେ ୨୪ଘଣ୍ଟା ବିଜୁଳି ଯୋଗାଇ ଦିଆଯାଉଥିବା ନେଇ ପ୍ରକାଶ କରିଥିଲେ। ସେହିପରି ବିଦ୍ୟୁତ୍ ଶକ୍ତିର ଅପଚୟ ନ କରି ଭବିଷ୍ୟତ ପିଢୀ ପାଇଁ ସଞ୍ଚୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ବିଦ୍ୟୁତ୍ ଗ୍ରାହକମାନେ ଉପସ୍ଥିତ ଥିଲେ।

# ସଡ଼କ ଦୁର୍ଘଟଣାରେ ୨ ମୃତ

ଭୋଗରାଇ, ୨୮।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଦୁଇଟି ସ୍ଥାନରେ ପୃଥକ୍ ସଡକ ଦୁର୍ଘଟଣା ଘଟି ୨ଜଣଙ୍କର ମୃତ୍ୟୁ ହୋଇଛି। ଗୁରୁବାର ସକାଳେ ଦୀଘାରୁ ଚନ୍ଦନେଶ୍ୱର ଅଭିମୁଖେ ଯାତ୍ରୀଙ୍କୁ ନେଇ ଆସୁଥିବା ଏକ ଅଟୋ ପଛପଟୁକୁ ଏକ ଡମ୍ଫର ଧକ୍କା ଦେଇଥିଲା। ଅଟୋରେ ବସିଥିବା ଜଣେ ବଙ୍ଗୀୟ ମହିଳା ଛିଟିକି ପଡ଼ି ଡମ୍ଫର ତଳେ ଚାପି ହୋଇଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ପଶ୍ଚିମବଙ୍ଗ ହୁଗୁଳି ଜିଲା ଦାନ୍ତୁନ ଥାନା ଅଧୀନ କୁମାର ଡିଙ୍ଗି ଗ୍ରାମର ବନଶ୍ରୀ ସାହା ବର୍ମନ (୩୧)। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ଶବ ବ୍ୟବଚ୍ଛେଦ କରାଯାଇଛି। ଅଟୋ ଏବଂ ଡମ୍ଫର ଚାଳକ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ପୋଲିସ ଗାଡ଼ି ଦୁଇଟିକୁ ଜବତ କରି ପ୍ରାଥମିକ ତଦନ୍ତ ଜାରି ରଖିଛି।

ଅପରପକ୍ଷେ ଏହି ମନ୍ଦାରସାହି ପଞ୍ଚାୟତର ବିଜେଡି ସଭାପତି ଶେଖ୍ ଖାରବାନ (୭୦)ତାଙ୍କ ନିଜ ଗାଁ ମନ୍ଦାରସାହି ପୀରବାବାଙ୍କଠାରୁ ଏକ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ କିଚିଂଠାରେ ଏକ ବାଇକ୍ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଥିବା ବେଳେ ସେଠାରେ ମୃତ୍ୟୁ ଘଟିଛି। ପଞ୍ଚାୟତ ବିଜେଡି ସଭାପତିଙ୍କ ଆକସ୍ମିକ ମୃତ୍ୟୁରେ ଭୋଗରାଇ ବିଧାୟକ ଅନନ୍ତ ଦାସ, ବ୍ଲକ ଚେୟାରମ୍ୟାନ୍ ପ୍ରବୀର କୁମାର ଗିରି, ବ୍ଲକ ବିଜେଡି ସଭାପତି ରମାକାନ୍ତ କରଣ, ସରପଞ୍ଚ ମମତା ସାହୁ, ପୂର୍ବତନ ସମିତିସଦସ୍ୟ ସୁବଳ କୁମାର ଜେନା, ଜିଲାପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ରାସ୍ତାରେ ବାଲି, ଚିପ୍ସ ଯୋଗୁ ବଢୁଛି ଦୁର୍ଘଟଣା

କେନ୍ଦୁଝର, ୨୮।୭ (ସ୍ୱ.ପ୍ର.)

କେନ୍ଦୁଝର ସହରର ବିଭିନ୍ନ ମୁଖ୍ୟ ରାସ୍ତା ସମେତ ସାହି ରାସ୍ତାରେ ବାଲି ଓ ଚିପ୍ସ ଗଦା ହୋଇ ରାସ୍ତା ଅବରୋଧ କରୁଥିବାରୁ ଦୁର୍ଘଟଣା ବଢୁଛି। ବ୍ୟବସାୟିକ ଘର ଏବଂ ଘର ଉଦ୍ଦେଶ୍ୟରେ ବ୍ୟବହାର ହେଉଥିବା ବାଲି, ଚିପ୍ସ ରାସ୍ତା ଉପରେ ପକାଇ କାମ ହେଉଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ପୌରପାଳିକା ପକ୍ଷରୁ ରାସ୍ତା ଉପରେ ବାଲି, ଚିପ୍ସ ଓ ଅନ୍ୟାନ୍ୟ ସାମଗ୍ରୀ ରାସ୍ତା ଉପରେ ପକାଇବା ଉପରେ ବାରଣ କରାଯାଇ ମାଇକ ଯୋଗେ ଜନସାଧାରଣଙ୍କୁ ସଚେତନ କରାଯାଉଛି। ଏହା ସତ୍ତ୍ୱେ ପୌରପାଳିକା ଆଦେଶକୁ କେହି ମାନୁ ନାହାନ୍ତି। କେନ୍ଦୁଝର ସହରର ଜନାକୀର୍ଣ୍ଣ ରାସ୍ତା କଲେଜ ରୋଡ ରାସ୍ତା, ବିଜୁ ପଟ୍ଟନାୟକ ଛକ ଠାରୁ ଟେଲିଫୋନ ଏକ୍ସଚେଞ୍ଜ ଛକ, ମାଇନିଂ ରୋଡ, ବୁଲାଦୁଆର ସାହି ମୁଖ୍ୟ ରାସ୍ତା ସମେତ ସାହି ରାସ୍ତାରେ ମଧ୍ୟ ବାଲି ଓ ଚିପ୍ସ ପଡି ରହୁଛି। ସ୍ଥାନୀୟ ଲୋକ ଏହାର ପ୍ରତିବାଦ କଲେ ମଧ୍ୟ ପୌରପାଳିକା ପକ୍ଷରୁ ଫାଇନ କିମ୍ବା ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏ ନେଇ ସ୍ଥାନୀୟ ଲୋକ କେନ୍ଦୁଝରଗଡ ପୌରପାଳିକାକୁ ଅବଗତ କରି ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।



କେନ୍ଦୁଝର ସହର ରାସ୍ତା କଡରେ ଚିପ୍ସ ଜମା ହୋଇଛି।

# ମିଳିଲାନି ପ୍ରାପ୍ୟ, ଧାରଣାରେ ଜମି ମାଲିକ

ଭଦ୍ରକ ଅଫିସ, ୨୮।୭

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଶାଶୁଭୁଆଶୁଣି ଗ୍ରାମର ଜମି ମାଲିକମାନଙ୍କୁ ମିଳିଥିବା ପ୍ରତିଶ୍ରୁତି ଅନୁସାରେ ପ୍ରାପ୍ୟ ମିଳି ନ ଥିବା ଅଭିଯୋଗ ହୋଇଛି। ଏହି ଜମି ମାଲିକମାନେ ବୁଧବାରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଗ୍ୟାସ୍ ପାଇପ୍ ଲାଇନ ବିଛାଇବା ପାଇଁ କମ୍ପାନୀ ଅଧିକାରୀମାନେ ଜମି ମାଲିକମାନଙ୍କଠାରୁ ମେଘା ନୂଆଗାଁ ମୌଜାରେ ଜମି ଅଧିଗ୍ରହଣ ନିମନ୍ତେ ୨୦୧୭ରେ ଡିସିମିଲ ପ୍ରତି ୨୦ ହଜାର ଟଙ୍କା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କମ୍ପାନୀ ପକ୍ଷରୁ ପାଇପ୍ ବିଛାଇବା କାମ ଶେଷ ହୋଇଥିବା ବେଳେ ପ୍ରତିଶ୍ରୁତି ମୁତାବକ ମୂଲ୍ୟ ମିଳି ନ ଥିବା ସେମାନେ କହିଛନ୍ତି।

ଏନେଇ ସେମାନେ ଗତ ୫ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଜମି ମାଲିକମାନେ ଧାରଣାରେ ବସିଛନ୍ତି।

ସେମାନଙ୍କ ସହ ଆଲୋଚନା କରି ସମାଧାନ ପ୍ରତିଶ୍ରୁତି ଦେଇଥିଲେ। ଏହାମଧ୍ୟରେ ୨୨ଦିନ ବିତିଯାଇଥିଲେ ସୁଦ୍ଧା ଏହାର କୌଣସି ସମାଧାନ ନ ହେବାରୁ ପୁନର୍ବାର ସେମାନେ ଏଭଳି ପଦକ୍ଷେପ ନେଇଥିବା କହିଛନ୍ତି। ଜମି ମାଲିକ ଅନିରୁଦ୍ଧ ନାୟକ, ବଟକୃଷ୍ଣ ନାୟକ, ସତ୍ୟରଞ୍ଜନ ନାୟକ, ଅଶୋକ ନାୟକ, ରବୀନ୍ଦ୍ର ଦାସ, ମମତା ନାୟକ, ସରୋଜିନୀ ପଣ୍ଡା, ଲକ୍ଷ୍ମୀପ୍ରିୟା ନାୟକ, ଅଜୟ କୁମାର ଦାସ, ସଂଗ୍ରାମ କେଶରୀ ପଣ୍ଡା, ହାଡ଼ିବନ୍ଧୁ ନାୟକ ପ୍ରମୁଖ ଧାରଣାରେ ବସିଛନ୍ତି। ଗୁରୁବାର ସେମାନେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ସହ ଏନେଇ ଆଲୋଚନା କରିଥିଲେ। କୌଣସି ସମାଧାନର ସୂତ୍ର ନ ବାହାରିବାରୁ ସେମାନେ ଧାରଣା ଜାରି ରଖିଛନ୍ତି।

